# କୃଷକଙ୍କ ସେବାରେ କୃଷି ବିଜ୍ଞାନ କେନ୍ଦ୍ର

ଡା. ଅନଙ୍ଗ କୁମାର ଦାସ ଓ ଡା. ରଞ୍ଜନ କୁମାର ମହାନ୍ତ

ଆମ ଦେଶର ୬୫ ରୁ ୭୦ ପ୍ରତିଶତ ଭାଗ ଲୋକ କୃଷି ଓ ଆନୁସଙ୍ଗିକ କାର୍ଯ୍ୟରୁ ନିଜର ଜୀବିକା ନିର୍ବାହ କରିଥାନ୍ତି । ତେଣୁ କୃଷିର ବିକାଶ ପାଇଁ ସରକାର ପ୍ରତି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପନ କରିଛନ୍ତି । କୃଷି ବୈଜ୍ଞାନିକମାନଙ୍କ ଦ୍ୱାରା ବିକଶିତ ନୂତନ ଜ୍ଞାନକୌଶଳକୁ କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ଗବେଷଣାଗାରରୁ ଚାଷୀ ପାଖରେ ସଫଳ ରୂପରେ ପହଞ୍ଚାଯାଇପାରିବ । ଏଥି ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ରର ପରିକଳ୍ପନା କରାଯାଇ ୧୯୭୪ ମସିହାରେ ପଣ୍ଡିଚେରୀ ଠାରେ ପ୍ରଥମ କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପିତ ହୋଇଥିଲା । କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଯଥା ଉଦ୍ୟାନ କୃଷି (ଫଳ, ପନିପରିବା ଓ ପୁଷ୍ପ ଉତ୍ପାଦନ), ପଶୁପାଳନ, କୁକୁଡ଼ା ପାଳନ, କୃଷି ଯନ୍ତ୍ରପାତିର ବ୍ୟବହାର, ମତ୍ସ୍ୟ ଚାଷ ଓ ଗୃହ ବିଜ୍ଞାନ ଇତ୍ୟାଦିରେ ଗବେଷଣାରୁ ବାହାରିଥିବା ଉଲ୍ଲେଖନୀୟ ଅବଦାନକୁ କୃଷକ ପରିବାରକୁ ଶିକ୍ଷା ଦେଇ ସେମାନଙ୍କ ଆର୍ଥିକ ଓ ସମାଜିକ ଉନ୍ନତି କରିବା ଏହାର ମୂଳ ଲକ୍ଷ୍ୟ ।

**ଅଧିକାରଭୁକ୍ତ କାର୍ଯ୍ୟକ୍ରମ (Mandate)**

ବୈଷୟିକ ଜ୍ଞାନ କୌଶଳର ପରୀକ୍ଷଣ, ଏହାର ବ୍ୟବହାର ପାଇଁ କ୍ଷେତ୍ର ପ୍ରଦର୍ଶନ ଓ ଜ୍ଞାନ କୌଶଳ ବର୍ଦ୍ଧନ ପ୍ରଶିକ୍ଷଣ ।

**ମୌଳିକ ଲକ୍ଷ୍ୟ**

ଆମ ଦେଶର ଜଳବାୟୁ ଅଂଚଳ ଅନୁସାରେ ଭିନ୍ନ ଭିନ୍ନ ହୋଇଥିବାରୁ ତଥା ସାଂପ୍ରତିକ ଜଳବାୟୁ ପରିବର୍ତ୍ତନ ଭଳି ଆକସ୍ମିକ ସ୍ଥିତିକୁ ନଜରରେ ରଖି କୃଷି ବିଜ୍ଞାନ କେନ୍ଦ୍ର ଗୁଡିକ ନିଜସ୍ୱ ଲକ୍ଷ୍ୟ ସ୍ଥିର କରିଥାନ୍ତି । ନିର୍ଦ୍ଦିଷ୍ଟ ଅଞ୍ଚଳରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଥିବା ବାଧାବିଘ୍ନତାକୁ ଆକଳନ କରି ତଥା ପାରିପାର୍ଶ୍ୱିକ ପରିସ୍ଥିତିକୁ ନଜରରେ ରଖି ବିକଶିତ ବୈଜ୍ଞାନିକ ଜ୍ଞାନ କୌଶଳରେ ସାମାନ୍ୟ ପରିବର୍ତ୍ତନ କରିବା ଓ ଚାଷୀର ଆୟ ଉପରେ ପ୍ରଭାବକୁ ଆକଳନ କରିବା ହେଉଛି କୃଷି ବିଜ୍ଞାନ କେନ୍ଦ୍ରର ମୂଳ ଲକ୍ଷ୍ୟ । ଏଥିପାଇଁ ନିମ୍ନଲିଖିତ କେତେକ ଦିଗ ଉପରେ ଧ୍ୟାନ ଦିଆଯାଇଥାଏ ।

୧. କ୍ଷେତ୍ର ପରୀକ୍ଷଣ:-ସ୍ଥାନ ଓ ସମସ୍ୟା ଭିତ୍ତିକ (ଚାଷୀ କ୍ଷେତରେ) କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ । ପ୍ରଚଳିତ କୃଷି ଓ ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତି ପାଇଁ ଆବଶ୍ୟକତାକୁ ଦେଖି ନୂତନ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରଦାନ ଓ ସ୍ଥଳ ବିଶେଷରେ ପୁରାତନ ଜ୍ଞାନକୌଶଳରେ ସାମାନ୍ୟ ପରିବର୍ତ୍ତନ ।

୨. ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ:- ଚାଷୀ କ୍ଷେତରେ ବିଭିନ୍ନ ଜ୍ଞାନ କୌଶଳର ଉତ୍ପାଦନ ଓ ଉତ୍ପାଦକତା ଉପରେ ପ୍ରଭାବକୁ ପ୍ରଦର୍ଶନ କରିବା । ପ୍ରାଥମିକ ରୂପରେ ନୂତନ ଜ୍ଞାନକୌଶଳର କୃଷି ବିଜ୍ଞାନ କେନ୍ଦ୍ର ପରିସର ମଧ୍ୟରେ ପ୍ରଦର୍ଶନ ଓ ପରେ, ତାଲିମ ଅଥବା କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଏହି କୌଶଳର ପ୍ରଚାର ଓ ପ୍ରସାର ।

୩. ତାଲିମ୍ ପ୍ରଦାନ:-କୃଷକ, କୃଷିଜୀବି ମହିଳା ଓ ଗ୍ରାମ୍ୟ ଯୁବକ ଯୁବତୀମାନଙ୍କୁ ସ୍ୱଳ୍ପ ଓ ଦୀର୍ଘମିଆଦି ତଥା ଧନ୍ଦାମୂଳକ ଓ କୌଶଳ ବିକାଶ ତାଲିମ୍ ପ୍ରଦାନ । ଏହା ସହିତ କୃଷି ଓ ଆନୁସଙ୍ଗିକ ବିଭାଗର କର୍ମୀମାନଙ୍କୁ ଜ୍ଞାନ କୌଶଳ ବର୍ଦ୍ଧନ ପ୍ରଶିକ୍ଷଣ ।

୪. ଜ୍ଞାନର ବତୀ ଘର:-ଜିଲ୍ଲାସ୍ତରରେ କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରରେ ଉନ୍ନତି କଳ୍ପେ କାର୍ଯ୍ୟେରତ ସମସ୍ତ ସରକାରୀ, ବେସରକାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ମାନଙ୍କ ପାଇଁ ଜ୍ଞାନ କୌଶଳରେ ସହାୟତା ଓ ସହଯୋଗ କରି ଜିଲ୍ଲାର କୃଷିରେ ଅଭିବୃଦ୍ଧି କରିବା ।

୫. କୃଷି ଉପଦେଷ୍ଟା ଓ ପରମର୍ଶ ସେବା କାର୍ଯ୍ୟକ୍ରମ :- ଚାଷୀମାନେ ବିଭିନ୍ନ ସମୟରେ ସାମ୍ନା କରୁଥିବା ଅସୁବିଧା ଗୁଡିକର ସମାଧାନ ପାଇଁ ବିଶେଷଜ୍ଞ ଦ୍ୱାରା ପରାମର୍ଶ ପ୍ରଦାନ ।

ଏହାଛଡା କୃଷି ବିଜ୍ଞାନ କେନ୍ଦ୍ର ବିଭିନ୍ନ ପ୍ରକାର ଉନ୍ନତ କିସମ ବା ପ୍ରଜାତିର ବିହନ, କଲମୀ, ଜୈବିକ ସାର ତଥା ଗୃହପାଳିତ

ପଶୁପକ୍ଷୀ ଚାଷୀମାନଙ୍କୁ ଉପଲବ୍ଧ କରାଇଥାଏ । ଏହି ସମସ୍ତ ଉଦ୍ଦେଶ୍ୟ ସାଧନ କରିବାକୁ ଭାରତୀୟ କୃଷି ଗବେଷଣା ପରିଷଦ ଆନୁକୁଲ୍ୟରେ ଏବେ ସାରା ଭାରତବର୍ଷରେ ୬୯୫ଟି ଓ ଓଡ଼ିଶାରେ ୩୩ଟି କୃଷି ବିଜ୍ଞାନ କେନ୍ଦ୍ର ଅଛି । ଓଡ଼ିଶାର କୃଷି ବିଜ୍ଞାନ କେନ୍ଦ୍ର ମଧ୍ୟରୁ ୩୧ଟି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ବାକି ୨ଟି ମଧ୍ୟରୁ ଗୋଟିଏ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଓ ଅନ୍ୟଟି କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥାନର ଅଧୀନରେ ରହିଛି ।

**ଆବଶ୍ୟକତା**

ଜିଲ୍ଲାର କୃଷି ଓ ଆନୁଷଙ୍ଗିକ ବିଭାଗ ସମୂହକୁ ଏକତ୍ର କରି ଚାଷୀମାନଙ୍କର ଆବଶ୍ୟକତାକୁ ପୂରଣ କରିବା ସହ ପରିବର୍ତ୍ତିତ ଜଳବାୟୁ ଅନୁପୂରକ, ପରିବେଶ ହିତକାରୀ ତଥା ଅର୍ଥନୈତିକ ଅଭିବୃଦ୍ଧି ଦୃଷ୍ଟିକୋଣ ବହନ କରୁଥିବା ସହଜ ନୂତନ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରଦାନ କରିବା, ଏକ ପ୍ରମୁଖ ଆବଶ୍ୟକତା ଯାହା ଏକ କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ସମ୍ଭବପର ହୋଇଥାଏ । ଜିଲ୍ଲାରେ କାର୍ଯ୍ୟରତ ପ୍ରାଣୀଚିକିତ୍ସା ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ସମ୍ପଦ ବିଭାଗ, କୃଷି ବିଭାଗ, ମୃତ୍ତିକା ଓ ଜଳ ସଂରକ୍ଷଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅନୁଷ୍ଠାନ, ବାଣିଜ୍ୟିକ ଅନୁଷ୍ଠାନ, କେନ୍ଦ୍ରୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ଏବଂ କୃଷି ଯାନ୍ତ୍ରିକ ବିଭାଗ ମାନଙ୍କ ସହ ସମନ୍ୱୟ ରକ୍ଷା କରି କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଚାଷୀମାନଙ୍କର ଅଭିବୃଦ୍ଧି କରିବା ହେଉଛି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ।

ଏଥି ନିମନ୍ତେ ବିଭିନ୍ନ କାର୍ଯ୍ୟକାରୀ ଅନୁଷ୍ଠାନ ସହ ହାତ ମିଳାଇ କୃଷକ ଓ ମହିଳା କୃଷକ ତାଲିମ ଶିବିର, ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଦକ୍ଷତା ବୃଦ୍ଧି ତାଲିମ ଶିବିର, ଚାଷୀ କ୍ଷେତରେ କ୍ଷୁଦ୍ରମାନର ପରୀକ୍ଷଣ, ସମନ୍ୱିତ କୃଷି ପ୍ରଣାଳୀ ସମ୍ବନ୍ଧୀୟ କ୍ଷେତ୍ର ପ୍ରଦର୍ଶନ, ଜଳସିଞ୍ଚନ ବ୍ୟବସ୍ଥାର ଆଧୁନିକୀକରଣ, କୃଷକ ମେଳା ଆୟୋଜନ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଗ୍ରଣୀ ଗ୍ରାମ ଗଠନ, ଚାରା ଉତ୍ପାଦନ କେନ୍ଦ୍ର ସ୍ଥାପନ ଓ ମୂଲ୍ୟଯୁକ୍ତ ଖାଦ୍ୟପଦାର୍ଥ ପ୍ରସ୍ତୁତି କରଣ ଭଳି ଉପାଦେୟ କାର୍ଯ୍ୟକ୍ରମମାନ ହାତକୁ ନେବା ଦ୍ୱାରା ଚାଷୀମାନଙ୍କର ବୌଦ୍ଧିକ ବିକାଶ ସହ କୌଶଳ ବିକାଶ ସମ୍ଭବପର ହୋଇପାରିଛି ।

**ପ୍ରମୁଖ କାର୍ଯ୍ୟକ୍ରମ**

କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କାର୍ଯ୍ୟକ୍ରମ ମୁଖ୍ୟତଃ ସଂପ୍ରସାରଣ ଉଦ୍ଦେଶ୍ୟ ଭିତ୍ତିକ ଓ ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକ ନିମ୍ନରେ ବର୍ଣ୍ଣିତ ।

କୃଷି ଓ ଆନୁଷଙ୍ଗିକ ବୈଜ୍ଞାନିକ ଜ୍ଞାନକୌଶଳକୁ ସିଧାସଳଖ ଚାଷୀ କ୍ଷେତରେ ପରୀକ୍ଷଣ କରାଯିବା ଦ୍ୱାରା ଚାଷୀ ଜ୍ଞାନକୌଶଳ ପ୍ରୟୋଗର ପ୍ରତ୍ୟକ୍ଷ ଅନୁଭୂତି ପାଇଥାଏ ।

ସଫଳ ଚାଷୀଙ୍କ କ୍ଷେତରେ ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଜ୍ଞାନକୌଶଳର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ଦ୍ୱାରା ଅନ୍ୟ ଚାଷୀମାନେ ଉତ୍ସାହିତ ହୋଇଥାନ୍ତି ।

ଉନ୍ନତ ମାନର କୃଷି ଓ ଆନୁଷଙ୍ଗିକ ବୈଜ୍ଞାନିକ ଜ୍ଞାନ କୌଶଳ ସହ ସମ୍ପୂର୍ଣ୍ଣ ପରିଚିତ କରାଇବା ନିମନ୍ତେ କୃଷକ ଓ କୃଷିଜୀବୀ ମହିଳା ତାଲିମ ଶିବିର ଓ ଦକ୍ଷତା ବୃଦ୍ଧି ଶିବିର ସମ୍ପୃକ୍ତ ଜିଲ୍ଲାର ବିଭିନ୍ନ ଗ୍ରାମରେ ତଥା ଆବଶ୍ୟକବେଳେ କୃଷି ବିଜ୍ଞାନ କେନ୍ଦ୍ର ପରିସର ମଧ୍ୟରେ ଆୟୋଜନ କରାଯାଇଥାଏ ।

କୃଷି ଓ ଆନୁସଙ୍ଗିକ ବିଭାଗ ମାନଙ୍କରେ ନିଯୁକ୍ତ ସଂପ୍ରସାରଣ କର୍ମଚାରୀମାନଙ୍କୁ ବିଭିନ୍ନ ନୂତନ ଓ ଆଗୁଆ ଧାଡ଼ି ଜ୍ଞାନକୌଶଳ ସହ ପରିଚିତ କରାଇବା ନିମନ୍ତେ ତାଲିମ୍ ଶିବିର ଆୟୋଜନ କରାଯାଇଥାଏ ।

ଜିଲ୍ଲାରେ ବିଭିନ୍ନ ବର୍ଗର ବେକାରୀ ଯୁବଗୋଷ୍ଠୀମାନଙ୍କୁ କୃଷି ଓ ଆନୁସଙ୍ଗିକ ଜ୍ଞାନକୌଶଳ ଭିତ୍ତିକ ତାଲିମ ପ୍ରଦାନ କରି ସ୍ୱାବଲମ୍ବୀ କରାଇବା ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ବିଭିନ୍ନ କାର୍ଯ୍ୟକ୍ରମ କରିଥାଏ ।

କୃଷି ଓ କୃଷକ ସମ୍ବନ୍ଧୀୟ ଜାତୀୟ ଓ ଆନ୍ତର୍ଜାତୀୟ ଦିବସ ଯଥା ବିଶ୍ୱ ଖାଦ୍ୟ ଦିବସ, ଜାତୀୟ ବିଜ୍ଞାନ ଦିବସ, କୃଷିଜୀବି ମହିଳା ଦିବସ, ବିଶ୍ୱ ମୃତ୍ତିକା ଦିବସ, ବୈଷୟିକ ସପ୍ତାହ ଇତ୍ୟାଦିରେ ସଚେତନତା ଶିବିର ଆୟୋଜନ କରାଯାଇଥାଏ ।

ଜିଲ୍ଲାର ଏକ ପ୍ରମୁଖ ଜ୍ଞାନକୌଶଳ ଉତ୍ସ ହିସାବରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ସହ ଜଡ଼ିତ ସରକାରୀ ଓ ବେସରକାରୀ ଓ ସ୍ୱୟଂସହାୟକଗୋଷ୍ଠୀ ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାହାଯ୍ୟ କରି କୃଷି ଉତ୍ପାଦନ ବୃଦ୍ଧି ତଥା କୃଷି ଅର୍ଥନୀତିକୁ ସୁଦୃଢ଼ କରିବାରେ କୃଷି ବିଜ୍ଞାନ କେନ୍ଦ୍ର ନିରନ୍ତର କାର୍ଯ୍ୟଶୀଳ ଥାଏ ।

କୃଷି ବିଜ୍ଞାନ କେନ୍ଦ୍ର ପ୍ରାଣୀପାଳନ କ୍ଷେତ୍ରରେ ଏକ ଉତ୍କୃଷ୍ଟ ସଂପ୍ରସାରଣ ବିଭାଗ ହିସାବରେ କାର୍ଯ୍ୟ କରିଥାଏ । ପ୍ରାଣୀ ପାଳନ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ରରେ ଦୁଇ ପ୍ରକାର ପଦବୀରେ ପ୍ରାଣୀଚିକିତ୍ସା ଓ ପ୍ରାଣୀପାଳନ ସ୍ନାତକଧାରୀ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥାଏ

ଯଥା କାର୍ଯ୍ୟକ୍ରମ ସହାୟକ (ପ୍ରାଣୀ ବିଜ୍ଞାନ ବିଭାଗ) ଓ ପ୍ରାଣୀ ବୈଜ୍ଞାନିକ (ପ୍ରାଣୀ ବିଜ୍ଞାନ ବିଶେଷଜ୍ଞ) । ପ୍ରାଣୀ ପାଳନ କ୍ଷେତ୍ରରେ କେତେକ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଗୁଡ଼ିକ ନିମ୍ନରେ ସମ୍ୟକ୍‌ରେ ବର୍ଣ୍ଣିତ ।

ଉନ୍ନତ ପ୍ରଜାତିର କୁକୁଡ଼ା ଓ ବତକ ପାଳନ ନିମନ୍ତେ ଚାଷୀ ଘର ପାଖରେ ପରୀକ୍ଷଣ ଓ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ କରାଯାଇଥାଏ । ଘର ଅଗଣାରେ ଦେଶୀୟ ଅସିଲ୍ ଓ ବନରାଜା କୁକୁଡା ପ୍ରଜାତିର କୁକୁଡା ଓ ଖାକି କ୍ୟାମ୍ପବେଲ୍ ବତକ (ଉଭୟ ମାଂସ ଓ ଅଣ୍ଡା ଉଦ୍ଦେଶ୍ୟରେ), ମାଂସ ଉଦ୍ଦେଶ୍ୟରେ ହ୍ୱାଇଟ୍ ପେକିନ୍ ବତକ ଓ ବନରାଜା କୁକୁଡା ତଥା ଶାରୀରିକ ଅଭିବୃଦ୍ଧି ପାଇଁ ଖାଦ୍ୟରେ ପାଚକ ମିଶ୍ରଣ ତଥା ନୂତନ ଜ୍ଞାନ କୌଶଳ ବ୍ୟବହାର କରି ଦେଶି କୁକୁଡା ପାଳନ ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯାଏ ।

ଦେଶୀ ଓ ଶଙ୍କର ଜାତୀୟ ଗାଈମାନଙ୍କରେ କ୍ଷୀର ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭିନ୍ନ ସ୍ୱଳ୍ପ ବ୍ୟୟୀ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ କରାଯାଇଥାଏ । ଏଥି ମଧ୍ୟରେ ଆଜୋଲା ସହ ସିନ୍‌ବାୟୋଟିକ୍ ସମ୍ମିଶ୍ରଣକୁ ଗାଈଦାନାରେ ଖାଇବାକୁ ଦେବା, ଗୋଖାଦ୍ୟରେ ଖଣିଜ ଲବଣ ଓ ଲୁଣର ସଠିକ୍ ବ୍ୟବହାର, ସବୁଜ ଗୋଖାଦ୍ୟ ଯଥା ସଙ୍କର ହାତିଆ ଘାସ, ପାରା ଘାସ, ମକା, ସଜନା ଶାଗ ତଥା ଦେଶୀୟ ଭେଷଜ ତତ୍ତ୍ୱ ଦ୍ୱାରା ଉଭୟ କ୍ଷୀର ପରିମାଣ ଓ ଗୁଣାତ୍ମକ ବୃଦ୍ଧି ଉଦ୍ଦେଶ୍ୟରେ କୃଷକ ଓ କୃଷିଜୀବି ମହିଳାମାନଙ୍କୁ ତାଲିମ୍ ପ୍ରଦାନ ଭଳି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ।

ଚାଷୀମାନେ ଛେଳି ପାଳନ କରି କିପରି ସ୍ୱଳ୍ପ ସମୟ ମଧ୍ୟରେ ଭଲ ରୋଜଗାର କରିପାରିବେ, ସେ ଦିଗରେ ମଧ୍ୟ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରିଥାଏ । ଅଳ୍ପ ସମୟ ମଧ୍ୟରେ ଦାନା ପରିଚାଳନାରେ ସାମାନ୍ୟ ପରିବର୍ତ୍ତନ କରି ଯେକୌଣସି ପ୍ରଜାତିର ଛେଳିକୁ ବଡ କରି ମାଂସ ଉଦ୍ଦେଶ୍ୟରେ ମାତ୍ର ୪-୬ ମାସ ମଧ୍ୟରେ ବିକ୍ରି କରିବା ହେଉ କିମ୍ବା ଛେଳି ଛୁଆମାନଙ୍କୁ ଚିଲେଟେଡ୍ ମିନେରାଲ୍ ଖାଇବାକୁ ଦେଇ ଉନ୍ନତ ଅଭିବୃଦ୍ଧି କରିବା ଇତ୍ୟାଦି କୌଶଳ ।

ରୋଗ ପ୍ରତିଷେଧକ ବ୍ୟବସ୍ଥାକୁ ନଜରରେ ରଖି ବିଭିନ୍ନ ଗ୍ରାମରେ ପ୍ରାଣୀ ଚିକିତ୍ସା ଶିବିର ଓ ଟୀକାକରଣ ଶିବିର କୃଷି ବିଜ୍ଞାନ କେନ୍ଦ୍ର ନିଜର ପ୍ରାଣୀ ବୈଜ୍ଞାନିକଙ୍କ ଦ୍ୱାରା ଆୟୋଜନ କରିଥାଏ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିକାରୀଙ୍କୁ ମଧ୍ୟ ସାମିଲ କରାଯାଇଥାଏ ।

ପ୍ରାଣୀପାଳନରେ ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି କୃଷକ ଓ କୃଷିଜୀବି ମହିଳାମାନଙ୍କୁ ସମସ୍ୟା ସମାଧାନ ଭିତ୍ତିକ ତାଲିମ ପ୍ରଦାନ କରାଯାଇଥାଏ । ଯେପରିକି ପ୍ରାଣୀପାଳନ କ୍ଷେତ୍ରରେ ଚାଷୀମାନଙ୍କର ଆଗ୍ରହ ବଢିପାରିବ । ପ୍ରାଣୀପାଳକମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ପ୍ରାଣୀସମ୍ପଦ ବିଭାଗ ସହ ମିଶି ବିଭିନ୍ନ ପ୍ରକଳ୍ପ ଯେପରିକି ATMA (ଆତ୍ମା) ଦ୍ୱାରା ଉନ୍ନତ ପ୍ରଜାତିର କୁକୁଡା ଓ ବତକ ବଣ୍ଟନ ଓ ଆଜୋଲା କୁଣ୍ଡ ନିର୍ମାଣ ଇତ୍ୟାଦି କାର୍ଯ୍ୟକାରୀ କରିଥାଏ ।

ପ୍ରାଣୀ ବୈଜ୍ଞାନିକଙ୍କ ଦ୍ୱାରା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କୁକ୍କୁଟ ପାଳନ କ୍ଷେତ୍ର, ବତକ ପାଳନ କ୍ଷେତ୍ର, ସମନ୍ୱିତ କୃଷି ପ୍ରଣାଳୀ ପରିସରଭୁକ୍ତ ପ୍ରାଣୀପାଳନ କ୍ଷେତ୍ର, ଛେଳି ପାଳନ କେନ୍ଦ୍ର ତଥା ଗୋପାଳନ କେନ୍ଦ୍ର ଇତ୍ୟାଦି ମଧ୍ୟ ପରିଚାଳନା କରାଯାଇଥାଏ । ଯାହାଦ୍ୱାରା କି ଚାଷୀଭାଇମାନେ ବୈଜ୍ଞାନିକ ପ୍ରାଣୀପାଳନର ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବା ସଙ୍ଗେ ସଙ୍ଗେ ସହଜରେ ନିଜସ୍ୱ ଫାର୍ମ ପାଇଁ ଆବଶ୍ୟକ ବିଭିନ୍ନ ବୟସର ଛୁଆ ପାଇପାରନ୍ତି ।

ଏହି ପରି ଭାବେ ଧାନ, ମୁଗ, ବିରି ପରି କ୍ଷେତ ଫସଲଠାରୁ ଆରମ୍ଭ କରି ପନିପରିବା, ଫୁଲ, ଫଳ ପ୍ରଭୃତି ଉଦ୍ୟାନ ଫସଲ ସାଙ୍ଗକୁ ଗୋରୁଗାଈ, ଛେଳି, ମେଣ୍ଢା, କୁକୁଡା, ବତକ ପାଳନ, ମହୁଚାଷ, ଛତୁଚାଷ, ମତ୍ସ୍ୟଚାଷ ଓ କୃଷି ଯାନ୍ତ୍ରୀକରଣ ଭଳି କୃଷି ଭିତ୍ତିକ ପ୍ରସଙ୍ଗରେ ଏକ ମାର୍ଗଦର୍ଶକ ପରି କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରୁଥିବାରୁ ଏହାକୁ ଜିଲ୍ଲାର ଆଲୋକ ଗୃହ ବୋଲି କୁହାଯାଏ ।

**ବିଶେଷତା**

କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଉଭୟ କୃଷି ବିଜ୍ଞାନ କେନ୍ଦ୍ରକୁ ଆଜିର ଦିନରେ ଅତ୍ୟଧିକ ଗୁରୁତ୍ୱ ଦେଉଛନ୍ତି । କେନ୍ଦ୍ର ସରକାରଙ୍କର କେତୋଟି ଯୋଜନା ଯାହାକି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ସଫଳ ହୋଇପାରିଛି, ତନ୍ମଧ୍ୟରୁ କୃଷକ କଲ୍ୟାଣ ଯୋଜନା, ଡାଲି ଜାତୀୟ ଫସଲର ବିହନ ଉତ୍ପାଦନ, ଡାଲି ଓ ତୈଳବୀଜ ଜାତୀୟ ଫସଲର କ୍ଲଷ୍ଟର ଅଗ୍ରୀମ କ୍ଷେତ୍ର ପ୍ରଦର୍ଶନ, ଟ୍ରାଇବାଲ୍ ସବ୍ ପ୍ଲାନ୍ ଯୋଜନା, ARYA ଯୋଜନା, NARI ଯୋଜନା ତଥା

VATIKA ଯୋଜନା ଇତ୍ୟାଦି ଅନ୍ୟତମ । ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ମହାଶୟ ସାରା ଭାରତ ବର୍ଷର ଚାଷୀ ମାନଙ୍କ ସହ ସିଧାସଳଖ ବାର୍ତ୍ତାଳାପ କରିବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ରମାନଙ୍କୁ ଚୟନ କରିଛନ୍ତି । ଓଡ଼ିଶା ରାଜ୍ୟ ଚାରିଥର କୃଷି କର୍ମଣ ପୁରସ୍କାର ପାଇବାରେ କୃଷି ବିଜ୍ଞାନ କେନ୍ଦ୍ରର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସରକାରଙ୍କର "ସିଡ୍ ହବ୍" (Seed Hub) ଯୋଜନା, ଡାଲି ଜାତୀୟ ଫସଲର ମିଲ୍ ସ୍ଥାପନା ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧମରେ ମୂଲ୍ୟଯୁକ୍ତ କୃଷିଜାତ ପଦାର୍ଥର ଉତ୍ପାଦନ ଯୋଜନା ଇତ୍ୟାଦି ମଧ୍ୟ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପରିଚାଳିତ । 'ଜୈବିକ କୃଷି' ଓ 'ସମନ୍ୱିତ କୃଷି'ର ବିକାଶ କ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ରର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସିଧାସଳଖ ଚାଷୀମାନଙ୍କ ପାଖରେ ପହଞ୍ଚି ଚାଷୀ ପାଖରେ ଗବେଷଣାଗାରର ଜ୍ଞାନକୌଶଳକୁ ସୁଦୂରପ୍ରସାରୀ କରାଇବାରେ ତଥା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା କୃଷକଙ୍କ ମଧ୍ୟରେ ସମନ୍ୱୟ ରଖିବାରେ କୃଷି ବିଜ୍ଞାନ କେନ୍ଦ୍ର ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

**ପ୍ରାଣୀ ବିଜ୍ଞାନୀ, କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର**

**ଓ**

**ପ୍ରାଣୀ ବିଜ୍ଞାନୀ, କୃଷି ବିଜ୍ଞାନ କେନ୍ଦ୍ର, କଟକ**

## ପ୍ରାଣୀ ବିକାଶ ଧାରା- ପତ୍ରିକାର ଗ୍ରାହକ ପାଇଁ ଅନୁରୋଧ ପତ୍ର

ମୁଁ ..........

ଠିକଣା..........

ଜିଲ୍ଲା.......... ପିନ୍ ନମ୍ବର..........

ଯୋଗାଯୋଗ ନମ୍ବର.......... ଇ ମେଲ୍..........

ପ୍ରାଣୀ ବିକାଶ ଧାରା- ତ୍ରୈମାସିକ ପତ୍ରିକାର ଗ୍ରାହକ ହେବା ପାଇଁ ଅନୁରୋଧ କରୁଛି ।

| ଅବଧି | ଦେୟର ପରିମାଣ | ଚୟନ କରନ୍ତୁ |
|---|---|---|
| ଏକ ବର୍ଷ ପାଇଁ | ୧୦୦ ଟଙ୍କା | |
| ତିନି ବର୍ଷ ପାଇଁ | ୨୫୦ ଟଙ୍କା | |
| ପାଞ୍ଚ ବର୍ଷ ପାଇଁ | ୪୦୦ ଟଙ୍କା | |
| ଦଶ ବର୍ଷ ପାଇଁ | ୧୦୦୦ ଟଙ୍କା | |
| ଆଜୀବନ ପାଇଁ | ୧୫୦୦ ଟଙ୍କା | |
| ଆଜୀବନ କେବଳ ଅନ୍ ଲାଇନ୍ ସଦସ୍ୟତା ପାଇଁ | ୨୫୦ ଟଙ୍କା | |

ମୋଟ ଦେୟର ପରିମାଣ..........

ସ୍ୱାକ୍ଷର..........

ତାରିଖ..........

**ଦେୟ ଜମା କରିବା ପାଇଁ ସୂଚନା**

*ବ୍ୟାଙ୍କ୍ ହିତାଧିକାରୀଙ୍କ ନାମ-* ପ୍ରାଣୀ ବିକାଶ ଧାରା

*ବ୍ୟାଙ୍କ୍ ଖାତା ସଂଖ୍ୟା-* ୬୫୨୯୨୯୧୫୮୬୨,

*ବ୍ୟାଙ୍କ୍ ଠିକଣା-* ଚଣ୍ଡି ଛକ ଶାଖା, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ,

IFSC code-SBIN୦୦୧୦୨୫୧